ମନୋହର-କପଟପାଶା

ରଚୟିତା :- ୰ କବି ମନୋହର ମେହେର,

ପ୍ରକାଶକ :- ଶ୍ରୀ ନାରାୟଣ ଭରସା ମେହେର, ସିନାପାଲି

ପ୍ରାପ୍ତି ସ୍ଥାନ—

ବାଣୀ ଭଣ୍ଡାର

କାଣ୍ଟେନ୍‌ମେଣ୍ଟ ରୋଡ୍, ବ୍ରହ୍ମପୁର-୨

ନୂତନ ମୁଦ୍ରଣ

ମୂଲ୍ୟ - ଟ ୦-୫୦ ପଇସା

Digitized by srujanika@gmail.com

ଓଁ ଶ୍ରୀ ଗଣେଶାୟ ନମଃ

ମନୋହର-କପଟପାଶା

ବନ୍ଦଇ ମୁରଲୀଧାରୀ ନିକୁଞ୍ଜ ବନବିହାରୀ
କଦମ୍ବମୂଳଆ ଜାଇଅଛମାଳଆ
ଶିରେ ଶେଖି ଜାମୁଡ଼ାଳ । ହେ ବନମାଳ । ୧ ।
ଭକତଙ୍କ ଚିତ୍ତହରୀ ଗୋପାଙ୍ଗନା-ବସ୍ତ୍ରହରୀ
ମୋହନ ମୁରଲୀ ବାମ କରେ ଧରି
ବଜାଅ କେତେ ମାଧୁରୀ । ହେ ଗିରିଧାରୀ । ୨ ।
ଗୋପେ କଲ ନାନା କେଳି କଂସ କେଶୀ ଦୁଷ୍ଟ ଦଳି
ଅଶେଷ ମହିମା ଯା ନାମ ଅବର୍ଣ୍ଣି
ଶେଷ ନ ପାବନ୍ତି ଭାଳି । କେ ପାରେ କଳି । ୩ ।
ହେ ପ୍ରଭୁ କଳା ଶ୍ରୀମୁଖ କେତେ ଜଣାଇବି ଦୁଃଖ
ଦୀନବନ୍ଧୁ ନାଥ ଥାଉଁ ଥାଉଁ ହରି
ଦିନେ ମୋ ନ ହେଲି ସୁଖ । ହେ ପଦ୍ମମୁଖ । ୪ ।
ଜୀବର ଗତି କାରଣ ଅଟ ପ୍ରଭୁ ନାରାୟଣ
ତୁମ୍ଭ ନାମ ଧରି ଯଜ ଦିନ ସରି
କହେ ମନୋହର ଦୀନ । ହେ ନାରାୟଣ । ୫ ।
ବୈବସ୍ୱତ ଦଣ୍ଡଧାରୀ ଅଗସ୍ତି ଚରଣ ଧରି
କୃତାଞ୍ଜଳି ହୋଇ କହନ୍ତି ଧନପ୍ରୀ
ଶୁଣ ଦେବ ଯୋଗଧାରୀ । ହେ ଚକ୍ରଧର । ୬ ।

Digitized by srujanika@gmail.com

କୁରୁ ପାଣ୍ଡବ ଏ ଦୁଇ   ଅଟନ୍ତି ସୋଦର ଭାଇ
ପଶାଖେଳ ଖେଳ-ଦ୍ରୁପଦ କୁମାରୀ
ହାରି ଗଲେ ପାଞ୍ଚ ଭାଇ । ହେ ତପିସାଇଁ । ୭ ।
କପଟପାଶା ଚରିତ   କହ ମୋତେ ତପୋଧନ
ଭାରତ ଚରିତ-ଶୁଣିଲେ ମୁକତ
ମୋ ପିଣ୍ଡ ହେବ କୃତାର୍ଥ । ହେ ତପୋଧନ । ୮ ।
କହନ୍ତି ଅଗସ୍ତି ଋଷି   ଶୁଣ ରାଜା ମନୁ ବଂଶୀ
କୁରୁ ପାଣ୍ଡବଙ୍କୁ-ଘେନଣ ଶକୁନି
ପଶା ଖେଳାଇଲେ ବସି । କୂଟ ମନାସି । ୯ ।
ହସ୍ତେ ଧରି ଖଣ୍ଡ ଗୋଟି   କୋଠି କାଟିଲେ ଯୁଧିଷ୍ଠି,
ପକାଇଲେ କାଠି-ହାରିଲେ ଯୁଧିଷ୍ଠି
ଜିଣି ଗଲେ ଧୃତରାଷ୍ଟ୍ରି । ଭାଗ୍ୟ ବଳେଟି । ୧୦ ।
ଦ୍ୱିତୀୟରେ ରାଜ୍ୟ ଧନ   ହାରି ଦେଲେ ସିଂହାସନ
ତୃତୀୟରେ ଭୀମସେନଙ୍କୁ ହାରିଲେ
ଚତୁର୍ଥରେ ଅରଜୁନ । ଧର୍ମ ନନ୍ଦନ । ୧୧ ।
ନକୁଳ ଯେ ସହଦେବ   ପଞ୍ଚମେ ହାରିଲେ ଦେବ
ଷଷ୍ଠେ ପୀଡ଼ି କରି ଦ୍ରୁପଦ କୁମାରୀ
ସପ୍ତରେ ମଣ୍ଡନ ଭାବ । ଯୁଧିଷ୍ଠି ଦେବ । ୧୨ ।
ଦ୍ରୌପଦୀ ହାରିଲେ ଯହୁଁ   ଆଜ୍ଞା ଦେଲେ କୁରୁ ରହୁ
ବୋଇଲେ ରେ ଦୁଃଶା-ଦ୍ରୌପଦୀ କୁ ଆଣ
ନ କରିବ ମହାବାହୁ । ଦେଖୁ ସେ ଆଜ । ୧୩ ।
ପାଞ୍ଚଗୋଟି ଭାଇ ଥାଇ   ତାଙ୍କ ମୁଖେ ଲାଜ ନାହିଁ
ଗୋଟାଏ ସ୍ତ୍ରୀରକ-ପାଞ୍ଚଗୋଟି ପତି
ସଂସାରେ ଦେଖିଛ କାହିଁ । କହ ହେ ଭାଇ । ୧୪ ।
ନନ୍ଦ ଗଞ୍ଜଡ଼ର ବେଟା   ହୋଇଛୁ ତାଙ୍କୁ ସାହାଟା

Digitized by srujanika@gmail.com

ବାଳ ଧର ଆଣ-ରଘୁ ନନ୍ଦନାନ
କର କେତେ ହଠହଠା । ଗୋପ ଠୋକ ଠା । ୧୫ ।

ଯାଅ ଭାଇ ଦୁଃଶାସନ ପାଞ୍ଚାଳୀକ ଧର ଆଣ
ସଭା ମଧ୍ୟେ ଆଣି-ଉଲଗ୍ନ କରିବା,
ଦେଖିବେ ସକଳ ଜନ । ରେ ଦୁଃଶାସନ । ୧୬ ।

ଶୁଣି ଦୁର୍ଯ୍ୟୋଧନ-ଗିର ଧାଇଁଗଲା ଦୁଃଶା ବୀର
ବାରୁଣାବନ୍ତରେ, ପ୍ରବେଶ ହୋଇଲା
ପାଣ୍ଡବଙ୍କ ନଜପୁର । ଗଲା ସତ୍ୱର । ୧୭ ।

ଭୟୁଥା'ଇ ନଗ୍ରଲୋକେ ପଳାଇଲେ ଦେଖି ଥୋକେ
ସିଂହଦ୍ୱାରେ ଯାଇ, ପ୍ରବେଶିଲା ଦୁଃଶା
ରେରେକାର ନାଦେ ଡାକେ । ମହା ଚମକେ । ୧୮ ।

କୋଇଲା ବୋଇଲା ବାବୁ ରହ ରହ କଥା ସବୁ
ସିଂହପୁରେ ଶଶା, କାହାର ଭରସା
ଖାଇ ଲୁହ ପଶିଯିବୁ । କହରେ ବାବୁ । ୧୯ ।

ଦୁଃଶାସନ ବୋଲେ ମାତ ପଶାଖେଳେ ତୁମ୍ଭ ସୁତ
ରାଜ୍ୟଧନ ଆଦ, ସହିତେ ଦ୍ରୌପଦୀ,
ହାରି ଦେଲେ ଶୂନ୍ୟହସ୍ତ । ଶୁଣ ଗୋ ମାତ । ୨୦ ।

ତେଣୁ ଆସିଅଛୁ ଧାଇଁ ଦ୍ରୌପଦୀଙ୍କ ନେବାପାଇଁ
ଦୁର୍ଯ୍ୟୋଧନ ରାଜା, ବଚନ ଅବଜ୍ଞା
ହେବାକୁ ଯୋଗାଏ ନାହିଁ । କହୁଛୁ ମୁହିଁ । ୨୧ ।

ହେ ମାତ ତୁ ଛାଡ ଦ୍ୱାର ମୁଁ ଯିବ ଭିତର ପୁର
ଦ୍ରୌପଦୀଙ୍କ ନେଇ-ସଭାରେ ରଖିବ
ଯାହା କରୁ କୁରୁବୀର । ଯା ଇଚ୍ଛା ତାର । ୨୨ ।

ଏତେ କହି ଦୁଃଶା ଗଲା ରୋଷାଇଶାଳେ ମିଳିଲା
ଚନ୍ଦ୍ରକୁ ଯେସନେ-ସିଂହିକାନନ୍ଦନ
ଗ୍ରାସିଲା ପରି ଘୋଟିଲା । ସେ ଅବଳା । ୨୩ ।

Digitized by srujanika@gmail.com

କୁନ୍ତୀ ଡ଼ାକଲେ ହେ ହରି ଆହେ ଶଙ୍ଖ ଚକ୍ରଧାରୀ
ଦ୍ୱାରକା ଛାଡ଼ିକି-ନିଜ ଭୁବନକୁ
ଏବେ ଗଲ ଭଜେ କରୁ । ହେ ଚକ୍ରଧାରୀ । ୨୪ ।
ପଞ୍ଚଗୋଟି ମୋର ସୁତ ହୋଇଲେ ଏବେ ଅନାଥ
ତୁମ୍ଭେ ଥାଉଁ ଥାଉଁ-ଆହେ ମହାବାହୁ
ଦଣ୍ଡ ଅଛୁ କୁରୁନାଥ । ହେ ଜଗନ୍ନାଥ । ୨୫ ।
ଯୁଧିଷ୍ଠିର ଠାରେ ହରି ଥିଲ ତୁମ୍ଭେ ଦୟା କରି
ଏବେ କି ଛାଡ଼ିଲ-ଆହେ ଆଦିମୂଳ,
ନ ଶୁଣ କପାଁ ଗୁହାରି । ଆହେ ମୁରାରି । ୨୬ ।
କହେ ଏ ଦୀନ ମନୋହର ଦୁଃଖେ ନିତି ହରବର
କରୁଣା କଟାକ୍ଷ ଧରି ଦେବହରି
କାଟ ବିପତ୍ତି ମୋହର । ହେ ଚକ୍ରଧର । ୨୭ ।
ପୁରେ ପୁରି ଦୁଃଶାସାର ଖୋଜଇ ସର୍ବ ମନ୍ଦିର
ନେହୁ ପୁରି ବାସପୁରି ଯେ ଡାଳମ୍ବ
ଝିନପୁର ରତ୍ନପୁର । ଖୋଜେ ସତ୍ୱର । ୨୮ ।
କଉସ୍ତୁଭ ମଣିପୁର ଇନ୍ଦ୍ର ଅବକାଶ ପୁର
ସର୍ବିରେ ଯୁଧିଷ୍ଠି କରନ୍ତି ଶୟନ
ଯାଇଁ ମିଳିଲା ସତ୍ୱର । ଖୋଜଇ ବୀର । ୨୯ ।
ବ୍ରିଶ ଯୋଶ ଉର୍ଦ୍ଧ ପ୍ରସ୍ତ ସେ ପୁର ଅଟଇ ସ୍ଥିତ
ହୀର ମାଳା ଅଷ୍ଟ ରତନେ ନିର୍ମିତ
ମୋତି ପ୍ରବାଳ ଲମ୍ବିଛି । ଶୋଭା ପାଉଛି । ୩୦ ।
ସେହି ପୁରେ ଦୁଃଶାସନ ନ ପାଇ ଦ୍ରୌପଦୀ ଚିହ୍ନ
ବସ୍ତ୍ରସ୍ତ ହୋଇଣ ଲେଉଟି ଆସିଣ
ଯେଷାଇଣାଲେ ଗମନ । ସେ ଦୁଃଶାସନ । ୩୧ ।
ଆଣ୍ଠୁକର ଦେଇ ବୀର ସର୍ବୀଙ୍କ ନୟନେ ଚାର

Digitized by srujanika@gmail.com

ଦିବାକର ଜ୍ୟୋତି-ପରାସ୍ତେ ଦ୍ରୌପଦୀ
କାନ୍ତି ଦିଶଇ ସୁନ୍ଦର । ଦ୍ରୌପଦୀଙ୍କର । ୩୨ ।
ଦୁଃଶା ମନେ ବିସ୍ମରିଲା   ଘନୁ କ ଗୃହେ ଉଠିଲା
ପାଣ୍ଡବଙ୍କ ସ୍ମିତ-କବା ଦିନନାଥ
ଆସି ଅବା ବଜେ କଲା । ମନେ ଭାବିଲା । ୩୩ ।
ସତ୍ୟ ଭସ୍ମେ ନିଶାପତି   ଲୁଚି କ ଅଇଲା ଏଥି
ଏକ ବପଶ୍ଚିତ ନ ପାଇଲା ଅନ୍ତ
କାହିଁ ପାଣ୍ଡବ ଯୁବତୀ । ଯିବ ତା କନ୍ତ । ୩୪ ।
ଦ୍ରୌପଦୀ ନିକଟେ ଗଲା   ନେତ୍ର ଚରିଟି ବାନ୍ଧିଲା
ଚହ୍ଲିଲ ଚହ୍ଲିଲ-ଦ୍ରୁପଦ କୁମାରୀ
ବୋଲ ମନେ ଖୁସି ହେଲା । ସେ ଅନ୍ଧବଳା । ୩୫ ।
ହସ୍ତ ନଡ଼ାଇଲା ଯାଇଁ   ଦ୍ରୌପଦୀ ଧରିବା ପାଇଁ
କହୁଛନ୍ତି ସତୀ, ଆରେ ଦୁଷ୍ଟ ମତି
ମୋ ଦେହ ନ ଛୁଅଁ ତୁମ୍ଭ । ଅଧମ ଭାଇ । ୩୬ ।
ପ୍ରଥମରଜଟି ମୁହିଁ   ଛୁଇଁବାର ନ ଯୋଗାଇ
ନଦୀ ଜଳେ ପଶି ସ୍ନାନ କଲେ ନାରୀ
ଶୁଦ୍ଧ ସ୍ନାନେ ଦୋଷ ଯାଇ । ଶୁଣରେ ଭାଇ । ୩୭ ।
ଦୁଃଶା ଶୁଣି ହେଲା ରୋଷା   ବୋଲେ ଗୋ ରମଣୀ ଯୋଷା
ମିଛେ ରଜୋବତୀ-ବୋଲିଲୁ ଯୁବତୀ
ଭଣ୍ଡି କହୁଅଛୁ ଭାଷା । କାହା ଭରସା । ୩୮ ।
କେଉଁ ଯୋଗୁଁ ତୋର ଦେହ   ଛୁଇଁବେ ପାତକ କହ
ଥରୁଛି ବାଣୀ କହ ନାରୀମଣି
ମୋ ମନୁ ଫିଟୁ ସନ୍ଦେହ । ବିସ୍ତାରି କହ । ୩୯ ।
ଦେବୀ ଦ୍ରୌପଦୀ କହନ୍ତି   ଶୁଣ ଦୁଃଶା ମନ୍ଦମତି
ପ୍ରଥମରଜରେ-ସ୍ତ୍ରୀଙ୍କି ଛୁଇଁଲେ
ଲିଙ୍ଗ ଭଗ୍ନ ଦୋଷ ପାନ୍ତି । ରେ ମୂଢ଼ମତି । ୪୦ ।

Digitized by srujanika@gmail.com

ଦ୍ୱିତୀୟ ଦିନରେ ଜାଣ ଗୋହତ୍ୟା ପାପରେ ମଗ୍ନ
ତୃତୀୟ ଦିନରେ-ବ୍ରହ୍ମହତ୍ୟା ପାପ
ଶିଶୁବଧ ଚତୁର୍ଥେଣ । ରେ ଦୁଃଶାସନ । ୪୧ ।
ପଞ୍ଚମେ ମାତୃହରଣ ଷଷ୍ଠେ ଏହିପରି ପୁଣ
ଜାଣି ପ୍ରଜାପତି-ପୁରାଣେ ଲେଖିଛି
'ଏ କଥା ନୁହଇ ଆନ । ରେ ଦୁଃଶାସନ । ୪୨ ।
ସପ୍ତଦିନେ ଶୁଦ୍ଧ ସ୍ନାନ କଲେ ଦୋଷ ଯାଇ ପୁଣ
ଉତ୍ତମ ଯୋଗରେ-ଅଙ୍ଗ ସଙ୍ଗ ହେଲେ
ଜନ୍ମେ ଅପୂର୍ବ ନନ୍ଦନ । ରେ ଦୁଃଶାସନ । ୪୩ ।
ଶୁଣି ଦୁଃଶାସନ କହି ସ୍ତ୍ରୀଙ୍କୀ ବିଶ୍ୱାସ ନାହିଁ
ଏତେ ବୋଲି ଧରି ଦ୍ରୌପଦୀର ବାଳ
ସାଉଁଟି ଧଇଲା ଯାଇଁ । ସେ ମନ୍ଦ ବାଇ । ୪୪ ।
ଚନ୍ଦ୍ରମାକୁ ଯେହ୍ନେ ରାହୁ ଘୋଟିଯାଏ କହୁଁ କହୁଁ
ହାତର ଉପୁର, ନ ଚଳଇ ବଳ ।
ନେଇଗଲା ରହୁଁ ରହୁଁ । ସେ ଦୁଃଶା ରାହୁ । ୪୫ ।
କହନ୍ତି ଦେବୀ ଦ୍ରୌପଦୀ ଆହେ ପ୍ରଭୁ ଦୟାନିଧି
ତୁମ୍ଭେ ଥାଉଁ ଥାଉଁ ପାଣ୍ଡବଙ୍କ ଶିରୀ
ସରିଲା ନ ଦିଶେ ବୁଦ୍ଧି । ହେ ଦୟାନିଧି । ୪୬ ।
ଆହେ ପ୍ରଭୁ ନାରାୟଣ ଫେଡ ମୋହର କଷଣ
ବଳାତ୍କାରେ ଦୁଃଶା ଧରି ନେଉଅଛି
କାହିଁରେ ଫେଡ଼ ଅପମାନ । ହେ ନାରାୟଣ । ୪୭ ।
ଚହୁଁ ଦୁଃଶାସନ ଗଲା ହସ୍ତିନାରେ ପ୍ରବେଶିଲା
ଦୁର୍ଯ୍ୟୋଧନ ରାଜା ସଭା କରିଥିଲା
ସେହିକାଳେ ପ୍ରବେଶିଲା । ସେ ଅନ୍ଧବଳା । ୪୮ ।
ଯେ ମହିମା ଚକ୍ରବର୍ତ୍ତି ଆଣିଲା ଦ୍ରୌପଦୀ ସତୀ

Digitized by srujanika@gmail.com

ଶୁଭ କ ଅଶୁଭ ବିସ୍ମରଣ କର ।
ହୋଇଅଛୁ ଉଦ୍‌ବେଗୀ । ହେ କୁରୁପତି । ୪୯ ।
ତାହା ଶୁଣି ଦୁର୍ଯ୍ୟୋଧନ   ବୋଇଲା ହେ ମାମୁ ଶୁଣ
ଏ କାହୁଁର୍ଣ୍ଣ ସନ୍ଧି-ହୋଇଛି ଦ୍ରୌପଦୀ
ଆସିବାର ଅକାରଣ । ହେ ମାମୁଁ ଶୁଣ । ୫୦ ।
ଶକୁନି ବୋଲେ ଭଣଜା   ଦ୍ରୌପଦୀକ ନାହିଁ ଲଜ୍ଜା
ଗୋଟିଏ ଯୁବତୀ ପାଞ୍ଚଗୋଟି ପତି
କରୁଛି କେଡ଼େ ପତ୍ନୀଜା । କରେ କ ମଜା । ୫୧ ।
ଏବେ ପାଣ୍ଡବଙ୍କ ଠାଣି   ଭାଙ୍ଗିଗଲା କୁରୁ ଘଣ
ସମ୍ପତି ସକଳ-କର୍ମ ବାମ ହେଲା
ରକ୍ଷୁ ଆସି ନନ୍ଦନନ । ଭଣଜା ଶୁଣ । ୫୨ ।
କୃଷ୍ଣ ପାଞ୍ଚ ପାଣ୍ଡୁ ଭାଇ   ତାଙ୍କ ଭିନ୍ନାଭିନ୍ନ ନାହିଁ
ଏବେ କାହିଁଗଲା ରଷି ନ ଥରଲା
କୃଷ୍ଣ ମୁଖେ ଲାଜ ନାହିଁ । ହେ କୁରୁସାଇଁ । ୫୩ ।
କହନ୍ତି ଦ୍ରୁପଦ ଝିଅ   ବସ୍ତ୍ର ନଦା କପାଁ କହ
ପ୍ରହ୍ଲାଦ ଛଳେ-ହିରଣ୍ୟ ମାଇଲେ
ଜାତହୋଇ ନରସିଂହ । ସେ ନନ୍ଦ ପୁଅ । ୫୪ ।
ଗଜକୁ କୁମ୍ଭୀର ଜଳେ   ଗିଳୁଥିଲା ଯେତେବେଳେ
ତରେ ଚକ୍ରଧର କୁମ୍ଭୀରକୁ ମାର
କଷ୍ଟ ଉଦ୍ଧାର ଆଣିଲେ । ଶୁଣିଛ ହେଳେ । ୫୫ ।
ସବୁଠାରେ ହରି ଥାଇ   ତାର ନ ଥିଲାର ନାହିଁ
କାଠୁ ବ୍ରହ୍ମ ପର୍ଯ୍ୟନ୍ତେ ହେ ରାଜନ
ସର୍ବଘଟେ ପୂରିଛନ୍ତି । ସେ ଭାବଗ୍ରାହୀ । ୫୬ ।
ଏହା ଶୁଣି କୁରୁପତି   ହୋଇ ମହାକୋପ ଅତି
ବୋଇଲା ରେ ଦୁଃଶା ବିବସନ କର
ରକ୍ଷୁ ଆସି ଶ୍ରୀପତି । ଉଠ ଝଟତି । ୫୭ ।

Digitized by srujanika@gmail.com

ଦୁର୍ଯ୍ୟୋଧନ ବାଣୀ ଶୁଣି ଦୁଃଶା ଉଠି ଶିରଘୂର୍ଣ୍ଣି
ଦ୍ରୌପଦୀ ବସନ କାଢ଼ନ୍ତେ ବହନ ।
ସଖୀ ନେଇ ବହେ ପାଣି । ମନେ ସ୍ମରେଣି । ୫୮ ।

ଦ୍ରୌପଦୀ ଡାକନ୍ତି ଆର୍ତ୍ତେ ଆହେ ପ୍ରଭୁ ଯାଦବନାଥେ
ତୁମ୍ଭେ ଥାଉଁ ଥାଉଁ ଏତେକ ବିପତ୍ତି
ଦେଉଅଛ କୁରୁନାଥେ । ହେ ଜଗନ୍ନାଥେ । ୫୯ ।

ଚକ୍ରଧାରୀ ଚକ୍ରକର କୁଣ୍ଡଳିକ ଚକ୍ରଧର
ଧଇଲ ମନ୍ଦର ରଖି ଗୋପପୁର
ଇନ୍ଦ୍ରଗର୍ବ କଲ ଚୂର । ହେ ଚକ୍ରଧର । ୬୦ ।

ଆର୍ତ୍ତତ୍ରାଣ ବାନା ତୋର ଉଡ଼ୁଅଛି ଘର ଦ୍ୱାର
ଉଡ଼ାଇବୁ ବୋଲି ଜାଣିଥିଲି ମୁହିଁ
ବୁଡ଼ିଲାଣି ବାନା ତୋର । ହେ ଚକ୍ରଧର । ୬୧ ।

ଦ୍ରୌପଦୀର ଅପମାନ ଫେଡ଼ ପ୍ରଭୁ ନାରାୟଣ
ସ୍ୱରୂପେ ତୋର ଆରତ ରକ୍ଷକ
ଜାଣିବେ ଜଗତ ଜନ । ହେ ନାରାୟଣ । ୬୨ ।

ଯୁଧିଷ୍ଠିରଙ୍କ ମୁଖ ଚାହିଁ କହନ୍ତି ଚନ୍ଦ୍ରମାମୁହିଁ
ହେ ଦେବ ତୁମ୍ଭର ପରାୟେ ଠାକୁର
ଥାଉଁ ଅପମାନ ମୁହିଁ । ଶୁଣ ଗୋସାଇଁ । ୬୩ ।

ତୁମ୍ଭେ ପରା ଧର୍ମ ରାଜା ରାଜାଏ କରନ୍ତି ପୂଜା
ମହାସଭା ତଳେ ଉଲଗ୍ନ କରୁଛି
ଦେଖୁଅଛ ମୋର ଲଜ୍ଜା । ହେ ଧର୍ମରାଜା । ୬୪ ।

ପୁଣି ଅର୍ଜ୍ଜୁନ ବଦନ ଚାହିଁ କହନ୍ତି ବଚନ
ଆହେ ଧନୁର୍ଦ୍ଧର ଧନୁ କି ଗୁଡ଼ିକ
ଧିକ ଧିକ ଷଣ୍ଢପଣ (ତୁମ୍ଭର) । ହେ ଅରଜୁନ । ୬୫ ।

Digitized by srujanika@gmail.com

ଯେଉଁକାଳେ ଲକ୍ଷବନ୍ଧ, ଜିଣି ଆଣିଲ ଦ୍ରୌପଦୀ,
ଲକ୍ଷେ ନୃପତିଙ୍କୁ ମୁଖେ କାଳି ଦେଲ ।
ଏବେ ହଜଗଲ ବୁଦ୍ଧି । ହେ ମହାଯୋଦ୍ଧି । ୬୬ ।

ଅର୍ଜୁନ ବୋଲନ୍ତି ସଖି ସ୍ଥିର କର କୃଷ୍ଣ ମତ
ସତ୍ୟେ ଆଜ୍ଞେ କରଥିଲେ ଗୋ ସୁନ୍ଦର,
ଧର୍ମ ତାକୁ ସାହାଛନ୍ତି । ଶୁଣ ଗୋ ସଖି । ୬୭

ଧର୍ମ ଥିଲେ ହୁଏ ଜୟ ପାପ ଥିଲେ ହୁଏ କ୍ଷୟ
ଅଧର୍ମ ରାବଣ ବଂଶ ଗଲା କ୍ଷୟ,
ସତ୍ୟ ରାମ ଲଙ୍କା ଜୟ । ଶୁଣ ଗୋ ପ୍ରିୟ । ୬୮ ।

ଦେବୀ କହନ୍ତି ବଚନ ଶୁଣ ନାଥ ଭୀମସେନ
କରେ ଗଦାବର ଧର ଅଛ ବୀର
ବହୁବାର ଅକାରଣ । ହେ ଭୀମସେନ । ୬୯ ।

କହନ୍ତି ବାତ ନନ୍ଦନ ଦେବି ! ସ୍ଥିର କର ମନ
ଏହି ଗଦାଘାତେ ଦୁର୍ଯ୍ୟୋଧନ ଭ୍ରାତ
ସମସ୍ତ ଯେନବ ପ୍ରାଣ । ସତ୍ୟ ବଚନ । ୭୦ ।

ଦୁଃଶାକୁ ମାରିବ ଯେବେ ମହି ତୋଷ ହେବ ତେବେ
ତାର ରକ୍ତ ସ୍ନାନେ କେଶ ପଖାଳିବ
କଥା ଥିବ ଯୁଗେ ଯୁଗେ । ଏ ମହୀଭାଗେ । ୭୧ ।

କହନ୍ତି କୁନ୍ତୀନନ୍ଦନ ଦୁଃଖ ନ କର ଗୋ ମନ
ଦଣ୍ଡିବାର ନୋକ ବଡ଼ ଗୋ ସୁନ୍ଦରୀ
ସହିବାର ନୋକ ସାନ । ବୁଝିର ମନ । ୭୨ ।

ଦ୍ରୌପଦୀଙ୍କର ବଚନ ଦେଖନ୍ତି ପାଣ୍ଡବ ବାଳ
ଶ୍ରାବଣ ମାସର ବୃଷ୍ଟି ସମ ଜାଣି
ନେତ୍ରୁ ବହେ ଅଶ୍ରୁଜଳ । ଟଳ ବଚନ । ୭୩ ।

ଦ୍ୱାରକାରେ ଥାଇ ହରି ଜାଣିଲେ ଦେବ ମୁରାରି

Digitized by srujanika@gmail.com

ବନନାଥ ଗଇ ଆଜ୍ଞାଦେଲେ ପ୍ରଭୁ
ଯାଅ ତୁମ୍ଭେ ବେଗ କର । ବାରୁଣାପୁଷ । ୭୪ ।
ଦ୍ରୌପଦିକ ବିବସନ   କରୁଅଛି ଦୁର୍ଯ୍ୟୋଧନ
ନ ଜାଣିବେ କେହ୍ବ ବସନ ପିନ୍ଧାଇ
ମାନ କର ଉଦ୍ଧାରଣ । କର ରକ୍ଷଣ । ୭୫ ।
ପ୍ରଭୁ ଆଜ୍ଞା ଶିରେ ଘେନ   ଚଳିଗଲେ ବନମଣି
ରୁପ୍ୟା ମାପ୍ୟା ଗଇ ଦେଲେକ ପଠାଇ
ଅମୂଲ୍ୟ ପାଟପଟମା । ବଚନ ଘେନ । ୭୬ ।
ଦୁଃଶା କାଢ଼ନ୍ତେ ବସନ   ଦେଖନ୍ତି ସକଳ ଜନ
ଖଣ୍ଡିଏ କାଢ଼ନ୍ତେ ଆଉ ଖଣ୍ଡ ଥାଏ
ହସି କହେ କୁରୁଗଣ । ଶୁଣ ସୁଜନ । ୭୭ ।
ଶକୁନ ମୁଖକୁ ଚାହିଁ   ଗାନ୍ଧାରୀନନ୍ଦନ କହି
ଇନ୍ଦ୍ରଜାଲ ବିଦ୍ୟା ଜାଣିଛି ଦ୍ରୌପଦୀ
ବସ୍ତ୍ର ରଖିଛି ଯୋଗାଇ । ଦେଖୁଛ ଏହି । ୭୮ ।
ନାନାବର୍ଣ୍ଣର ବସନ   କାଢ଼ୁଁ ପଇଲ ଏମାନ
କଢ଼ୁଁ କାଢ଼ୁଁ ଦେଖ ଜମା ହୋଇଲାଣି
ଏତ ପର୍ବତ ସମାନ । ଶୁଣ ସୁଜନ । ୭୯ ।
ଭୀଷ୍ମ ଦ୍ରୋଣ କହୁଛନ୍ତି   ଶୁଣ ହେ ହସ୍ତିନାପତି
ନ କର ଅନ୍ୟାୟ ଆହେ କୁରୁରାୟ
ବୁଡ଼ିବଅ ଯାଉ ସଭା । ହେ କୁରୁପତି । ୮୦ ।
ଭୀଷ୍ମ ଦ୍ରୋଣ କର୍ଣ୍ଣ ଥିଲେ   ସଭାଜନେ ମନା କଲେ
ହନୁମନ୍ତ ନାହା ନ ମାନିଲ ଚାହା
ଦେଖା ଅଗ୍ନି ଦୃଷ୍ଟି ଦେଲେ । ସେ କୋପାନଳେ । ୮୧ ।
ଦୁର୍ଯ୍ୟୋଧନ ଉଆସ   ପରେ ଅଗ୍ନି ପରବେଶ
ଚଢ଼ିଁ ହନୁମନ୍ତ ରାଣୀ ଥିଲ ରହି
ଲଗିଲ ଅଗ୍ନିର ଝାସ । ଦେଖ ଭବିଷ୍ୟ । ୮୨ ।

Digitized by srujanika@gmail.com

ବସନେ ଲଗିଲା ଅଗ୍ନି   କାଢ଼ି ଦେଲା ତାହା ରାଣୀ
ଉଲଗ୍ନ ହୋଇଣ ସଭାରେ ଆସିଣ
ପ୍ରବେଶିଲା ତତକ୍ଷଣି । ଭୋଜ ଦୁଲଣୀ । ୮୩ ।

ସଭା ମଧ୍ୟେ ଯେତେ ଥିଲେ   ନୟନେ ସର୍ବେ ଦେଖିଲେ
ହନୁମନ୍ତ ଜନୁ ପଞ୍ଚବନ କାନ୍ତ
ଦେଖି କରତାଳ ଦେଲେ । ସର୍ବେ ହସିଲେ । ୮୪ ।

ପରକୁ ଯେ ଚିନ୍ତେ ମନ୍ଦ   ନିଶ୍ଚୟେ ପଡ଼େ ତା କନ୍ଧ
ପରେ ଅପବାଦ ଦେଲା ଲୋକଙ୍କର
ନିଶ୍ଚେ ପଡ଼ଇ ଆପଦ । ହେ ସଭାବୃନ୍ଦ । ୮୫ ।

ଭୀଷ୍ମ ଦ୍ରୋଣ ଗୁରୁବାଣୀ   ଶୁଣି ରାଜା କୁରୁମଣି
ଜୋକ ମୁଖେ ଲୁଣ ଦେଲା ପରି ଜାଣ
ବଦନୁ ନ ଆସେ ବାଣୀ । ସେ କୁରୁମଣି । ୮୬ ।

ଏହିକାଳେ ଦୂତ ଗଲା   ଅନ୍ଧ ଆଗରେ କହିଲା
ତୁମ୍ଭ ଜ୍ୟେଷ୍ଠପୁତ୍ର ସଙ୍ଗେ ଧର୍ମସୁତ ;
ପଶାଖେଳେ ହାରିଗଲା । ଶକୁନ ଜଲା । ୮୭ ।

ଜିଣିଲା ମାନଗୋବିନ୍ଦ   ପାଣ୍ଡବ ଧନ ସମ୍ପଦ
ପାଞ୍ଚଭାଇ ଆଉ ସହିତେ ଦ୍ରୌପଦୀ
ହାରିଲେ ଯୁଧିଷ୍ଠି ଦେବ । ଶୁଣ ହେ ଦେବ । ୮୮ ।

ମହା ସଭାତଳେ ଆଣି   ଦୁଃଶାସନ ବୀରମଣି
କଲା ବିବସନ ସତୀ ଦୁଃଖମନ
ନୟନୁ ବହିଲା ପାଣି । ହେ ନୃପମଣି । ୮୯ ।

ତାହା ଶୁଣି ପୀତବାସ   ଦ୍ରୌପଦୀଙ୍କି ଦେଲେ ବାସ
ଦେଖି ସଭାଜନ କଲେ ଧନ୍ୟ ଧନ୍ୟ
ପ୍ରଭୁଙ୍କ ରହିଲା ପଣ । ଶୁଣ ବିଦୁଷ । ୯୦ ।

ଦେଖି ଯୋଧାନଙ୍କୁ ଅଗ୍ନି   ଜନ୍ମିଲା ଆସି ତତକ୍ଷଣି

Digitized by srujanika@gmail.com

ରାଜା ଉଆସ ପୁର ହେଲା ଉଷ୍ମ ।
ଛନ୍ତି ଥିଲେ ପାଟରାଣୀ । ହେ ନୃପମଣି । ୯୧ ।
ବସନେ ଲଗିଲା ଜୁଇ ହନୁମନ୍ତ ଭସ୍ମ ପାଇ
ପିନ୍ଧିଲା ବସନ ଫେରିଲା ବଦନ
ସଭାରେ ମିଳିଲା ଯାଇଁ । ହେ ନୃପସାଇଁ । ୯୨ ।
ସଭା ମଧ୍ୟେ ଯେତେଥିଲେ ମୁଖେ ବସନ ଢ଼ାଙ୍କିଲେ
ପାପ ଅପମାନ ଭୁମ୍ବର ନନ୍ଦନ
ଛଳକୁ ମୁଖ ବୋଢ଼ାଇଲେ କ କର୍ମ କଲେ । ୯୩ ।
କ ଈଶ୍ୱର କର କର ଆହେ ଅନ୍ଧ ନୃପବର
ହେଳା କଲେ ଭେଳା ନଷ୍ଟସ୍ୱ ବୁଡ଼ିଲା
ନ ପାଇବ ଥଳ କୂଳ । ଈଶ୍ୱର କର । ୯୪ ।
ତାହା ଶୁଣି ଅନ୍ଧରାଜା ବଜାଇଣ ବୀରବାଜା ।
ଅର୍ଘ୍ୟଥାଳ ଧରି ଦ୍ରୌପଦୀଙ୍କି ବରି
ନାନାରଗଣେ କଲେ ପୂଜା । ସେ ଅନ୍ଧରାଜା ।୯୫।
ଶାନ୍ତକରି ଦ୍ରୌପଦୀଙ୍କି ସଦନକୁ ଆଣି ଡ଼ାକି
ପାଞ୍ଚ ସହୋଦର କଲାକ ଆଦର
ସମାଦରେ ତାଙ୍କୁ ରଖି । ଈଶ୍ୱର ରଖି । ୯୬ ।
ଶୁଣ ହେ ସୁବୁଦ୍ଧି ନର ସଭାପର୍ବ ସମାପ୍ତର
ଘଟିଥିଲା ଯାହା ଲେଖିଲି ମୁଁ ତାହା
ଦୋଷ ନ ଧରିବ ମୋର । ହେ ସୁଜ୍ଞନର । ୯୭ ।
କପଟପାଶା ଚରିତ ଏଠାରୁ ସମାପତ
ବୈଶ୍ୟ ମନୋହର ମେହେର କହଇ
କୃଷ୍ଣ ପାଦେ ଦେଇ ଚିତ୍ତ । କଲା ରଚିତ । ୯୮ ।

* ସ ମା ପ୍ତ *

ମୁଦ୍ରାକର—ଶ୍ରୀ କାଶୀନାଥ ସାହୁ, ଶାନ୍ତପ୍ରେସ ବ୍ରହ୍ମପୁର-୬ [ଗଞ୍ଜାମ]

Digitized by srujanika@gmail.com

ଧର୍ମଗ୍ରନ୍ଥ

ବିକ୍ରେତା ଓ ପ୍ରକାଶକ

ବାଣୀ ଭଣ୍ଡାର

କାଣ୍ଟୋନ୍‌ମେଣ୍ଟ୍ ରୋଡ଼

ବ୍ରହ୍ମପୁର୍-୧ (ଗଂଜାମ)

Digitized by srujanika@gmail.com